**ସଂକ୍ଷେପରେ**

## କିଡ୍‌ନୀ ରୋଗ ମୁକାବିଲା ଉପରେ ଗୁରୁତ୍ୱାରୋପ

**ଢେଙ୍କାନାଳ ଅଫିସ, ୧୩ା୩:** ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ବିଶ୍ୱ କିଡ୍‌ନୀ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଚିତ୍ର ସଲ୍ୟୁଶନ, ସର୍ବେଶ୍ୱର ମୋମୋରିଆଲ୍ ହସ୍ପିଟାଲ୍, ଡାୟାଲିସିସ୍ ୟୁନିଟ୍, କେଡିଆ ଫାର୍ମାସିୟୁଟିକାଲ୍ସର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଥିଲା। ଡାକ୍ତର ନବକିଶୋର ମିଶ୍ର, ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ହିମାଂଶୁ ଶେଖର ଶତପଥୀ ଉପସ୍ଥିତ ରହି କିଡ୍‌ନୀ ରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ନିଶା, ଦୂଷିତ ପରିବେଶ, ଦୂଷିତ ଜଳ କିଡ୍‌ନୀ ରୋଗର ପ୍ରମୁଖ କାରଣ। ବ୍ଲଡ୍ ପ୍ରେସର ଏବଂ ମଧୁମେହ ରୋଗୀ ଏହି ରୋଗରେ ପଡ଼ିବା ଆଶଙ୍କା ବେଶି। ଜିଲାର ତରଭା, ବଣସିଂହ, ବାରଦା, ବାବନ୍ଧ, ସାରୁଆଳି, ଭୂଷଳ, ଜମୁନାକୋଟ ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିଯାଇଛି। ଏହାକୁ ରୋକିବାକୁ ହେଲେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଶାନ୍ତନୁ ଜେନା, ଦୀପକ କେଡ଼ିଆ, ସୁଚିତ୍ର ସାହୁ, ଚିତ୍ରସେନ୍ ନାଏକ, କ୍ଷୀରୋଦ ଚନ୍ଦ୍ର ନାୟକ, ଶୁଭଙ୍କରୀ ସାହୁଙ୍କ ସମେତ ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାଡ଼ିରେ କଟୁଛି ଓଳିଏ

**କାମାକ୍ଷାନଗର, ୧୩ା୩(ଡି.ଏନ.ଏ.)**

'ବୟସ ୬୦ ଛୁଇଁଲାଣି। ହାଇ ବ୍ଲଡ୍‌ପ୍ରେସର। ମାସକୁ ଦୁଇଥର ଆସି ପରୀକ୍ଷା କରିବାକୁ ଡାକ୍ତର କହିଛନ୍ତି। ଡାକ୍ତରଖାନାରୁ ଘର ୧୫କିମି ଦୂର। ଶୁକ୍ରବାର ଭୋର୍ ୫ଟାରୁ ବସ୍‌ରେ ଆସି ୮ଟାରୁ ଛିଡ଼ା ହୋଇଛି। ରୋଗଣା ଦେହ। ଭାରି ଦରଜ ହେଉଛି। ମୁଣ୍ଡ ଘୂରାଉଛି। ଧାଡ଼ିରେ ଛିଡ଼ା ହେବା ଛଡ଼ା

**କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର**

ଆଉ କିଛି ଉପାୟ ନାହିଁ। ନମ୍ବର ଆସିଲେ ଡାକ୍ତରଙ୍କୁ ଦେଖାଇବି।' ଏହା ହେଉଛି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିବା ପରଜଙ୍ଗ ବ୍ଲକ ବସୋଇ ଗ୍ରାମର ବୃଦ୍ଧା ଜାତକ ସାହୁଙ୍କ ନୀରବ ଯନ୍ତ୍ରଣାର କଥା। ଏହା ବଖାଣିବା ବେଳକୁ ତାଙ୍କ ମୁହଁରେ ବାରି ହୋଇପଡୁଥିଲା ଅନେକ ବ୍ୟସ୍ତତା। କେବଳ ଜାତକ ନୁହନ୍ତି, ଡାକ୍ତର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ଅଭାବ ଯୋଗୁ ଏଠାରେ ଦୈନିକ ଶତାଧିକ ରୋଗୀ ସମାନ ସମସ୍ୟା ଭୋଗୁଛନ୍ତି। ଡାକ୍ତରଙ୍କୁ ଅପେକ୍ଷା କରି ସେମାନଙ୍କ ଓଳିଏ କଟୁଛି, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଉପଖଣ୍ଡର ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାର ପ୍ରମୁଖ ପେଣ୍ଠସ୍ଥଳ ଏହି ଚିକିତ୍ସାଳୟ ଏବେ ମୁରବୀବିହୀନ ହୋଇପଡ଼ିଛି। କାମାକ୍ଷାନଗର, ଭୁବନ, ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକ ସମେତ ସୀମାନ୍ତ କେନ୍ଦୁଝର ଜିଲାର ତେଲକୋଇ ବ୍ଲକବାସୀ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏଠାକୁ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। କେବଳ ବର୍ହି ବିଭାଗ ରୋଗୀସଂଖ୍ୟା ୩୫୦ ଟପୁଛି। କର୍ମଚାରୀ ଅଭାବରୁ ଏତେ ସଂଖ୍ୟାରେ ରୋଗୀଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ ହୋଇପଡୁଛି।

ଉପଖଣ୍ଡ ଚିକିତ୍ସାଧିକାରୀ ପଦବୀକୁ ବାଦ୍‌ଦେଲେ ଭେଷଜ, ଚକ୍ଷୁ, ଅସ୍ଥିଶଲ୍ୟ, ଶିଶୁ, ସର୍ଜରି, ନିଦାନ ବିଭାଗ ବିଶେଷଜ୍ଞ, ଏକ୍ସ-ରେ ଟେକ୍ନିସିଆନ ପଦବୀ ବର୍ଷ ବର୍ଷ ଧରି ପୂରଣ ହେଉନାହିଁ। ଏଠାରେ ନିଯୁକ୍ତି ପାଇଥିବା ଶଲ୍ୟ ବିଶେଷଜ୍ଞ ଏବଂ ନିଶ୍ଚେତକ ବିଭାଗର ଡାକ୍ତର ଡେପୁଟେଶନରେ ଅନ୍ୟତ୍ର କାମ କରୁଛନ୍ତି। ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଦନ୍ତ ଚିକିତ୍ସକ ଏବଂ ୩ ବରିଷ୍ଠ ଚିକିତ୍ସକ ସ୍ୱାସ୍ଥ୍ୟସେବା ସମ୍ଭାଳୁଛନ୍ତି। ୧୭ଜଣ ଡାକ୍ତରଙ୍କ ବଦଳରେ ଏବେ ଏଠାରେ ଅଛନ୍ତି ମାତ୍ର ୬। ଡାକ୍ତରଖାନାରେ ପାଦ ରଖୁରଖୁ ଶୁଣିବାକୁ ମିଳୁଛି କେବଳ ଗୋଟିଏ ଶବ୍ଦ 'ନାହିଁ'। ଯନ୍ତ୍ରଣାରେ ଛଟପଟ ହେଉଥିଲେ ବି ରୋଗୀଙ୍କୁ କେହି ଆହା କରୁନାହାନ୍ତି। ଫଳରେ ଏଠାକୁ ଆସିବା ଅପେକ୍ଷା ବେସରକାରୀ ଚିକିତ୍ସାଳୟକୁ ଯିବାକୁ ରୋଗୀମାନେ ବେଶି ପସନ୍ଦ କରୁଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ କରିବା ଦିଗରେ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଶବ ସଂରକ୍ଷଣ ଗୃହ, ଡାଇରିଆ ୱାର୍ଡ ପ୍ରକୋଷ୍ଠ ନାହିଁ। ବିଶେଷଜ୍ଞ ଏବଂ ଟେକ୍ନିସିଆନ ନ ଥିବାରୁ ଦାମୀ ଯନ୍ତ୍ରପାତି ଖତ ଖାଉଛି। ଅନେକ ସମୟରେ ସାଧାରଣ ରୋଗୀ, ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରମାନେ ପରୀକ୍ଷା ନ କରି ଅନ୍ୟତ୍ର ପଠାଇ ଦେଉଥିବା ଅଭିଯୋଗ ହେଉଛି।

ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, କେବଳ କାମାକ୍ଷାନଗରରେ ନୁହେଁ, ସବୁଆଡ଼େ ଡାକ୍ତର ସମସ୍ୟା ରହିଛି। ସେଠାରେ ଅତିକମ୍‌ରେ ୩ଜଣ ଡାକ୍ତରଙ୍କୁ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଲେଖାଯାଇଥିଲା। ହେଲେ ଜଣଙ୍କୁ ନିଯୁକ୍ତି ମିଳିଛି। ସେ ମାସେ ମଧ୍ୟରେ ଯୋଗଦେଇପାରନ୍ତି। ସେହିପରି ରେଡିଓଗ୍ରାଫର ଟେକ୍ନିସିଆନ ପଦବୀ ପୂରଣ ଲାଗି ପ୍ରକ୍ରିୟା ଚାଲୁ ରହିଥିବା ସେ ସୂଚନା ଦେଇଛନ୍ତି।


ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।



- ପଦବୀ ଖାଲି, ମିଳୁନି ସେବା
- ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ନାହାନ୍ତି
- ଖତ ଖାଉଛି ଦାମୀ ଯନ୍ତ୍ରପାତି
- ଡାଇରିଆ ୱାର୍ଡ, ଶବ ସଂରକ୍ଷଣ ଗୃହ ନାହିଁ

### ଭାଗ୍ୟକୁ ଆଦରି ପଡ଼ିଛି



ଗୁରୁବାର ରାତିରୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ରାତି ୧୧ଟାରେ ଜରୁରିକାଳୀନ ଡାକ୍ତରଙ୍କୁ ଦେଖାଇଥିଲି। ଯନ୍ତ୍ରଣା ହେଉଥିଲେ ବି କେହି ଦେଖୁନାହାନ୍ତି। ଭାଗ୍ୟକୁ ଆଦରି ପଡିଛି।

–ଟୁପ ମଲ୍ଲିକ, ଖୋକ୍‌ସା

### ଡାକ୍ତରଙ୍କ ଦେଖାମିଳୁନି



ପେଟ ବିନ୍ଧା, ଜ୍ୱର ହେଉଥିବାରୁ ବାରମ୍ବାର ଡାକ୍ତରଖାନା ଆସୁଛି। ହେଲେ ଡାକ୍ତରଙ୍କ ଦେଖାମିଳୁନି। କଲବଲ ହେବାକୁ ପଡୁଛି। ରୋଗୀଙ୍କୁ କେବଳ ଭଗବାନ ଭରସା।

–ଭରତ ମୁର୍ମୁ, ବନ୍ଦାଣିଆ

## ନିୟନ୍ତ୍ରଣ କରାଯିବ ଗହଳି

**ଢେଙ୍କାନାଳ ଅଫିସ, ୧୩ା୩**

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୧ ଯାଏ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ହେଲେ ପରୀକ୍ଷା ନିର୍ଦ୍ଧାରିତ ସମୟରେ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସେହିପରି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସେମିନାର, ୱାର୍କସପ୍, କନଫରେନ୍ସ, ଟ୍ରେନିଂ ସହିତ ଜିଲାପାଳଙ୍କ ସମସ୍ତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି। ସିନେମା ହଲ୍, ସ୍ୱିମିଂପୁଲ, ଜିମ୍ ମଧ୍ୟ ୩୧ ତାରିଖ ଯାଏ ବନ୍ଦ ରହିବ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଉତ୍ସବ, ଜନଗହଳିକୁ ନିୟନ୍ତ୍ରଣ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି ।

## ୨ ବଖରା ଜଳିଗଲା

**ଭୁବନ, ୧୩ା୩ (ଡି.ଏନ.ଏ.)**

ଭୁବନ ବ୍ଲକ କୁମୁରସିଙ୍ଗା ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ରଞ୍ଜନ ବାରିକଙ୍କ ୨ ବଖରା ଜଳିଯାଇଛି। ଘରେ ସମସ୍ତେ ଶୋଇଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପରିବାର ଲୋକେ ଜୀବନ ବିକଳରେ ଦୌଡ଼ି ପଳାଇ ଆସିଥିଲେ। ଏଥିରେ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଭୁବନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବଇଣ୍ଡାକୁ ଆସିଲା ନୂତନ ୧୦୮ ଆମ୍ବୁଲାନ୍ସ

**ଧରିତ୍ରୀକୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ**


ନୂତନ ଆମ୍ବୁଲାନ୍ସ।

**ବଇଣ୍ଡା, ୧୩ା୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳକୁ ଏକ ନୂତନ ୧୦୮ ଆମ୍ବୁଲାନ୍ସ ଗୁରୁବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। ଦୀର୍ଘବର୍ଷ ହେବ ଏଠାରେ ଥିବା ୧୦୮ ଆମ୍ବୁଲାନ୍ସ ଭାଙ୍ଗି ଯାଇଥିବା ବେଳେ ଡୋର୍‌ରେ ଦଉଡି ଭିଡି ସେବା ଯୋଗାଇ ଦିଆଯାଉଥିଲା। ଏ ସମ୍ପର୍କରେ ଗତ ୩ ତାରିଖରେ ଏକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ନୂତନ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏଥିପାଇଁ ବଇଣ୍ଡା ଅଞ୍ଚଳବାସୀ 'ଧରିତ୍ରୀ'କୁ କୃତଜ୍ଞତା ଜଣାଇଛନ୍ତି।

ପ୍ରକାଶ ଯେ, ଅନୁଗୋଳ ଜିଲାର କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୧୩ଟି ପଞ୍ଚାୟତବାସୀଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ବହୁ ପୂର୍ବରୁ ଏକ ୧୦୮ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ। ହେଲେ ଦୀର୍ଘଦିନ ହେଲା ଆମ୍ବୁଲାନ୍ସର ଦୁଇଟି ଡୋର୍, କାଚ ଭାଙ୍ଗି ଯାଇଥିଲେ ମଧ୍ୟ ତାହାକୁ ମରାମତି କରାଯାଉ ନ ଥିଲା। ଉକ୍ତ ଦଦରା ଆମ୍ବୁଲାନ୍ସ ଡୋର୍‌ରେ ଦଉଡି ଭିଡ଼ାଯାଇ ରୋଗୀ ପରିବହନ କରାଯାଉଥିଲା। ଏ ନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିଲା। ତେବେ 'ଧରିତ୍ରୀ'ରେ ଖବରପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଏକ ନୂତନ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବାରୁ ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଅରବିନ୍ଦ ସାହୁ, ବିଜୟ କୁମାର ସାହୁ, ରମେଶ କୁମାର ଟିବ୍ରୁୱାଲା, ରମେଶ କୁମାର ବେହେରା, ରମାକାନ୍ତ ବେହେରା, ରାଜେନ୍ଦ୍ର ରାଉତ, ଗିରିଶଚନ୍ଦ୍ର ବେହେରା ପ୍ରମୁଖ ଜିଲା ପ୍ରଶାସନ ଓ 'ଧରିତ୍ରୀ'କୁ କୃତଜ୍ଞତା ଜଣାଇଛନ୍ତି।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୩ା୩:** ସ୍ଥାନୀୟ କୁଞ୍ଜକାନ୍ତ ମଧୁବନରେ ରହୁଥିବା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୯୫)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ପୂର୍ଣ୍ଣ ଅମିନ ଭାବେ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।


ପୂର୍ଣ୍ଣଚନ୍ଦ୍ର ମଲ୍ଲିକ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସମେତ ଗୋପାଳ ସମାଜର କର୍ମକର୍ତ୍ତାମାନେ।

**ଭୁବନ, ୧୩ା୩(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅଧୀନ ୪ନଂ. ୱାର୍ଡ ଗୋପାଳ ସମାଜ ପକ୍ଷରୁ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୪ଲକ୍ଷ ୨୦ ହଜାର ଟଙ୍କା ସରକାରୀ ଅନୁଦାନରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ମନ୍ଦିରରେ ରାଧାକୃଷ୍ଣଙ୍କ ନୂତନ ବିଗ୍ରହ ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାକର ସାହୁ, ଶିବରାମ ବେହେରା, ଦିଲୀପ ମିଶ୍ର, ବିଜୟ ବେଦ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ସମାଜର ମୁଖ୍ୟ ଈଶ୍ୱର ଚନ୍ଦ୍ର ବେହେରା ପୁରୋଧା ଦାୟିତ୍ୱ ନିର୍ବାହ କରିଥିଲେ। ଘନ ଦାସ, ଆକୁଳ ବେହେରା, ସନ୍ତୋଷ ବେହେରା, ଭୀମସେନ ବେହେରା, ଗୋପୀନାଥ ବେହେରା, ଏସ୍‌ଏଚ୍‌ଜି ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନାଲ୍‌କୋ କଲୋନୀରେ ଅଗ୍ନିକାଣ୍ଡ



**ବଁଅରପାଳ, ୧୩ା୩ (ଡି.ଏନ୍.ଏ.)**

ନାଲ୍‌କୋ କଲୋନୀରେ ରହୁଥିବା ପୋଲିସ କର୍ମଚାରୀ ଅଜୟ ଜେନାଙ୍କ କ୍ୱାର୍ଟର୍ସ (ନଂ. ଏ.୮୦୩)ରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଶର୍ଟ୍‌ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିବା ବେଳେ ଅଜୟ ଓ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଖବରପାଇ ନାଲ୍‌କୋ ସିକ୍ୟୁରିଟିଗାର୍ଡ ଓ ସିଆଇଏସ୍‌ଏଫ୍ ଦମକଳ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ଆହତ ଦମ୍ପତିଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜଳ ଅଣୁ ଉପରେ ଗବେଷଣା ଲୋଡ଼ା

**ଢେଙ୍କାନାଳ ଅଫିସ, ୧୩ା୩**

ବିଜ୍ଞାନ ଅସମ୍ଭବ ଭାବେ ଅଗ୍ରଗତି କରିଛି। ତଥାପି ଜଳ ଅଣୁ, ଏହାର ସରଞ୍ଜନା ଏବଂ ଭୂମିକା ସମ୍ପର୍କରେ ଅନେକ ତଥ୍ୟ ଆବିଷ୍କୃତ ହୋଇପାରିନାହିଁ। ଏଥି ଲାଗି ଅଧିକ ଗବେଷଣା ଲୋଡ଼ା। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଆଲୋଚନାଚକ୍ରରେ ଏପରି ମତ ପ୍ରକାଶ ପାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅନାଦି ଚରଣ ଦାସ, ମୁଖ୍ୟବକ୍ତା ନାଇଜର ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ ମଞ୍ଚାସୀନ ରହି ଜଳ ଅଣୁର ସରଞ୍ଜନା, ଏହାର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କର୍ତ୍ତବ୍ୟନିଷ୍ଠା ପାଇଁ ଡେମୋନଷ୍ଟ୍ରେଟର ପବିତ୍ର କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷର ଶ୍ରେଷ୍ଠ ରସାୟନ ବିଜ୍ଞାନ ସ୍ନାତକ ଭାବେ ଅମ୍ରିତା ଐଶ୍ୱର୍ଯ୍ୟା ନନ୍ଦ, ଚଳିତବର୍ଷର କୃତୀ ପାଠଚକ୍ର ପ୍ରବନ୍ଧ ପାଠକ ପ୍ରୀତମ ଜେନା ପୁରସ୍କୃତ ହୋଇଥିଲେ। ଏଥିସହ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

ବିଭାଗୀୟ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ଅଭିଜିତ ମହାନ୍ତି, ପାଠଚକ୍ର ସମ୍ପାଦକ ତୁଷାରକାନ୍ତି ବେହେରା, ସହ ସମ୍ପାଦିକା ଦୀପମଲ୍ଲିକା ସାହୁ, ଅଧ୍ୟାପକ ରାକେଶ ନାୟକ, ପ୍ରଭୁଦତ୍ତ ହୋତା, ସୌମ୍ୟରଞ୍ଜନ କର, ଅଧ୍ୟାପିକା ସୌମ୍ୟାଶ୍ରୀ ମିଶ୍ର, ନଇମ ବକ୍ସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ପିଏମ୍‌ଏଜିୱାଇରେ ୨୦ ଗ୍ରାମ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୩ା୩**

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ସମନ୍ୱୟ ରକ୍ଷା କରି ଜିଲାର ବିକାଶ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲାରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (ପିଏମ୍‌ଏଜିୱାଇ)ରେ ୨୦ ଗ୍ରାମ ଚିହ୍ନଟ ହୋଇଛି। ଆଗାମୀ ୩ବର୍ଷ ମଧ୍ୟରେ ଯୋଜନା ଅନୁଯାୟୀ ଉକ୍ତ ଗ୍ରାମରେ ସମସ୍ତ କାର୍ଯ୍ୟ ଶେଷ ହେବ। ଡାକଘର ନ ଥିବା ୧୬ ପଞ୍ଚାୟତରେ ଡାକଘର ଖୋଲାଯିବ ବୋଲି ଏମ୍‌ପି ସୂଚନା ଦେଇଛନ୍ତି। ଏଥିସହ ଖରାଦିନେ ସବୁ ଗାଁକୁ ପିଇବା ପାଣି ସୁବିଧା କରିବା, ବର୍ଷାରେ ବିଚ୍ଛିନ୍ନ ହୋଇପଡୁଥିବା ଗ୍ରାମର ରାସ୍ତା ଓ ପୋଲ ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା, କୃଷିକ୍ଷେତ୍ରର ବିକାଶ, ଜଳସେଚନ, ଉପାର୍ଜନ ବୃଦ୍ଧି ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ବିଚ୍ଛିନ୍ନାଞ୍ଚଳ ଗୁଡ଼ିକରେ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ପକ୍କାଗୃହ ନିର୍ମାଣ ଯୋଜନାରେ ଢେଙ୍କାନାଳ ସାରା ରାଜ୍ୟରେ ୩ୟ ସ୍ଥାନ ହାସଲ କରିଛି। ମାର୍ଚ୍ଚ ଶେଷ ସୁଦ୍ଧା ହିତାଧିକାରୀମାନେ ଅସମ୍ପୂର୍ଣ୍ଣ ଘର କାମ ନ ସାରିଲେ ପୂର୍ଣ୍ଣ ଅନୁଦାନ ମିଳିବ ନାହିଁ। ବକେୟା ଦେୟ ପାଇଁ କୌଣସି ପରିସ୍ଥିତିରେ ଜଳଯୋଗାଣ ସଂସ୍ଥାର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ କରିବାକୁ ଜିଲାପାଳ ସେସୁ ଓ ଏନ୍‌ଜେନ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ନଳକୂଅ ମରାମତି କରିବାକୁ ସେ ବିଡିଓଙ୍କୁ ତାଗିଦ୍ କରିଛନ୍ତି।

ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୧୦୦% ସଫଳତା, ଖାଦ୍ୟ ସୁରକ୍ଷା ଯୋଜନାରୁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ସାମିଲ କରିବା, ସମଗ୍ର ଶିକ୍ଷା ଅଭିଯାନରେ ହାଇସ୍କୁଲ ଗୃହ ନିର୍ମାଣ, ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା, ମଧ୍ୟାହ୍ନ ଭୋଜନର ଗୁଣବତ୍ତା ବୃଦ୍ଧି, ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟଶୈଳୀ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ସହରାଞ୍ଚଳରେ ପକ୍କାଗୃହ ନିର୍ମାଣ, ସ୍ୱଚ୍ଛଭାରତ ଅଭିଯାନ, ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି, ଗ୍ରାମୀଣ କୌଶଳ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବିଏସ୍‌ଏନ୍‌ଏଲ୍ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଯୋଜନାର ସମୋୟଚିତ ସଫଳତା ପାଇଁ ଆୟୋଜିତ ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ଏମ୍‌ପି, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଦିଶା ବୈଠକରେ ନିଷ୍ପତ୍ତି**

- ୧୬ ପଞ୍ଚାୟତରେ ନୂତନ ଡାକଘର
- ସବୁ ଗାଁକୁ ପିଇବା ପାଣି ସୁବିଧା ନିର୍ଦ୍ଦେଶ
- ସମନ୍ୱୟ ରକ୍ଷା କରି କାର୍ଯ୍ୟ କର: ଏମ୍‌ପି

## ସଂକ୍ଷେପରେ

### ୭୨ ଲିଟର ମଦ ଜବତ, ୭ ଗିରଫ

ଆଠମଲ୍ଲିକ, ୧୩।୩(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଠାକୁରଗଡ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୭୨ ଲିଟର ଦେଶୀ ମଦ ଜବତ ସହ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆରମପୁର ଗ୍ରାମର ଶ୍ରୀଧର ବେହେରା, ତ୍ରିପୁର ବେହେରା, ରାମ ପ୍ରଧାନ, ଦାମବାହାଲ ଗ୍ରାମର ନରୋତ୍ତମ ପ୍ରଧାନ, ରାଜିଙ୍ଗ ଗ୍ରାମର ସସ୍ମିତା ବେହେରା, ଆଡେଶ୍ୱର ଗ୍ରାମର ଦେବହରି ପ୍ରଧାନ ଓ ଦେବକୀ ପ୍ରଧାନ। ଏହି ଚଢ଼ାଉରେ ଉପନିରୀକ୍ଷକ ପ୍ରଫୁଲ୍ଲ ପତି, ସହକାରୀ ଉପ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ, ଆରକ୍ଷୀ ହରିହର ପରିଡା, ଶମ୍ଭୁ ନାୟକ, ମନୋଜ ବେହେରା, ସଂଯୁକ୍ତା ସାହୁ ପ୍ରମୁଖ ସାମିଲ ଥିଲେ।

### ୬ ଲକ୍ଷ ୪୫ ହଜାର ଜରିମାନା ଆଦାୟ

ଆଠମଲ୍ଲିକ, ୧୩।୩(ଡି.ଏନ.ଏ.)- ଆଠମଲ୍ଲିକ ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬ ଲକ୍ଷ ୪୫ ହଜାର ଟଙ୍କା ଜରିମାନା ବାବଦ ଆଦାୟ ହୋଇଥିବା ଜଣାପଡ଼ିଛି। ଏହି ତହସିଲ ଅଧୀନରେ ରହିଥିବା ସଇରାଟରୁ ବେଆଇନ ଭାବେ ବାଲି, ମାଟି, ମେଟାଲ,ଚିପ୍ସ ଆଦି ଟ୍ରାକ୍ଟର, ଟ୍ରକ୍, ହାଇୱା ଯୋଗେ ଚାଲାଣ ହେଉଥିବା ଖବର ପାଇ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ ବ୍ୟବହୃତ ଜେସିବି, ଟ୍ରକ୍, ଟ୍ରାକ୍ଟର ଆଦିରୁ ଜରିମାନା ଆଦାୟ କରାଯାଇଛି। ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଘଟଣାରେ କେହି ଗିରଫ ହୋଇ ନ ଥିବାବେଳେ କୌଣସି ଗାଡ଼ି ଜବତ କରାଯାଇ ନ ଥିବା ଜଣାପଡିଛି।

### କରୋନା ଭୟ: ଜନଶୁଣାଣି ସ୍ଥଗିତ

ଅନୁଗୋଳ ଅଫିସ୍, ୧୩।୩- ମହାମାରୀ କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ସଚେତନତାମୂଳକ ପଦକ୍ଷେପ ସ୍ୱରୂପ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଜେନେରାଲ ଅଡମିନିଷ୍ଟ୍ରେଶନ୍ ଏବଂ ପବ୍ଲିକ ଗ୍ରୀଭାନ୍ସ ସେଲ୍ ପକ୍ଷରୁ ଚିଠି ନଂ. ୧୪୬୩/୧୩।୩।୨୦୨୦ରେ ସମସ୍ତ ସରକାରୀ ବିଭାଗ ସହ ଜିଲାପାଳ, ଏସ୍‌ପିଙ୍କୁ ଜନଶୁଣାଣି ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଜିଲାରେ ଅନୁଷ୍ଠିତ ହେବାକୁ ବିଭିନ୍ନ ବ୍ଲକର ଜନଶୁଣାଣି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୩୧ ପରେ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯାଇଛି। ସେହିପରି ଜିଲାରେ ଥିବା ବିଭିନ୍ନ ବିଦ୍ୟାଳୟକୁ ମଧ ଛୁଟି ଘୋଷଣା କରାଯାଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ବିଦ୍ୟାଳୟ ଗୁଡ଼ିକ ଛୁଟି ଥିବାବେଳେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ବାତିଲ କରାଯିବ ନାହିଁ। ସେହିପରି ଆସନ୍ତା ୧୯ ତାରିଖରୁ ହେବାକୁ ଥିବା ଖାତା ଦେଖାରେ ଏହାର ପ୍ରଭାବ ପଡ଼ିବ ନାହିଁ ବୋଲି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ହୋଇଛି



ଜେଏସ୍‌ପିଏଲ ପକ୍ଷରୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ।

## ଜେଏସ୍‌ପିଏଲ୍‌ରେ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଅନୁଗୋଳ ଅଫିସ୍, ୧୩।୩

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ପରିସରରେ ୪୯ ତମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ସପ୍ତାହର ଶେଷ ଦିବସରେ ଅନୁଗୋଳ ଜିଲା କାରଖାନା ଓ ବାଷ୍ପିତ୍ର ବିଭାଗର ସହ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି, ଜେଏସ୍‌ପିଏଲ୍ ଓଡ଼ିଶାର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ, ନିର୍ବାହୀ ନିର୍ଦ୍ଦେଶକ ମେଣ୍ଟେନାନ୍ସ ସୁରେଶ କୁମାର, ଫାକ୍ଟ୍ରି ମ୍ୟାନେଜର ତଥା ଇସ୍ପାତ ନିର୍ମାଣ ମୁଖ୍ୟ ଦାମୋଦର ମିତ୍ତଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଏମ୍ ନିରାପତ୍ତା ନବୀନ ଗୌତମ କିପରି ସକ୍ରିୟ ପଦକ୍ଷେପ ଦ୍ୱାରା ଧନ ଜୀବନ ସୁରକ୍ଷିତ ହୋଇପାରିଛି ତାହା ପ୍ରକାଶ କରିଥିଲେ। କାରଖାନା ଓ ବାଷ୍ପିତ୍ର ବିଭାଗର ସହ ନିର୍ଦ୍ଦେଶକ ସାମନ୍ତରାୟ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ୧୦ ସୂତ୍ରୀ ସୁରକ୍ଷା ଉପକ୍ରମ ଓ ଏହାର କାର୍ଯ୍ୟାନୁଷ୍ଠାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୁଇଜ, ସ୍ଲୋଗାନ ଓ ପୋଷ୍ଟର, ବାର୍ତ୍ତା ଆଦି ଉପରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅକ୍ୟୁପେସନାଲ ହେଲଥ୍ ସେଣ୍ଟର ମୁଖ୍ୟ ଡାକ୍ତର କୃଷ୍ଣ ପ୍ରସାଦ ବେହେରା କରୋନା ଭାଇରସ୍ ସମ୍ପର୍କରେ ସଚେତନ କରିଥିଲେ। ସିଜିପି ବିଭାଗ ମୁଖ୍ୟ ଏ.ଏନ୍. ତିୱାରୀ, ଏସ୍‌ଏମ୍‌ଏସ୍ ବିଭାଗ ମୁଖ୍ୟ ଅତୁଲ ଦୁବେ, ବ୍ରିଜ ଭଦ୍ରା, ବ୍ଲାଷ୍ଟ ଫର୍ନେସ ବିଭାଗ ମୁଖ୍ୟ ଅରବିନ୍ଦ ଭଗତ, ୟୁଟିଲିଟି ବିଭାଗ ମୁଖ୍ୟ ଖିଲାନ ସାହୁ, ପ୍ଲେଟମିଲ ବିଭାଗ ମୁଖ୍ୟ ଯୋଗେଶ ପଟେଲ, ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟପ୍ରଦ ଓ ସମୃଦ୍ଧି କର୍ମ ସଂସ୍କୃତି ପାଇଁ ସୁରକ୍ଷା ଶପଥ ନେଇଥିଲେ।

## ଅସୁସ୍ଥ ଅବସ୍ଥାରେ ବୃଦ୍ଧ ଉଦ୍ଧାର

କଣିହାଁ, ୧୩।୩(ଡି.ଏନ.ଏ.)

କଣିହାଁ ବ୍ଲକ ୫୩ ନମ୍ବର ରାଜପଥ ରେଙ୍ଗାଳି ଡ୍ୟାମ ଅଞ୍ଚଳକୁ ଯାଇଥିବା ରାସ୍ତା ହଟିଆବୁରି ନିକଟ ଯାତ୍ରୀ ବିଶ୍ରାମ କକ୍ଷଠାରେ ଅସୁସ୍ଥ ହୋଇ ପଡିରହିଥିବା ଜଣେ ବୃଦ୍ଧଙ୍କୁ ବିଜୁ ଯୁବ ବାହିନୀ ସଦସ୍ୟମାନେ ଶୁକ୍ରବାର ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ନାମ ତ୍ରିନାଥ ବେହେରା ଘର ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରେ ବୋଲି ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ସେ କଣିହାଁ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ। ଅସୁସ୍ଥତା ଯୋଗୁ ସେ ଗୁଣ୍ଡୁରୀ ବସ୍‌ଷ୍ଟପେଜ ବିଶ୍ରାମକକ୍ଷରେ ୫ ଦିନ ହେଲା ପଡି ରହିଥିଲେ। ହନୁମାନପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ସମ୍ପାଦକ ଅକ୍ଷୟ ପ୍ରଧାନ ସହଯୋଗୀଙ୍କ ସହ ତାଙ୍କୁ ସରକାରୀ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କୁ ପ୍ରଶାସନ ସହଯୋଗ କରିବାକୁ ଯୁବନେତା ଜୟନ୍ତ ପ୍ରଧାନ ନିବେଦନ କରିଛନ୍ତି। ଡାକ୍ତର ଶଶିକାନ୍ତ ତ୍ରିପାଠୀ କୁହନ୍ତି, ଚିକିତ୍ସା ଚାଲିଛି। ପରୀକ୍ଷା ପରେ ଅସୁସ୍ଥତାର କାରଣ ଜଣାପଡିବ। ଆବଶ୍ୟକ ପଡିଲେ ଜିଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯିବ।

# ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

## ବନ୍ଧୁକ ଦେଖାଇ ଲୁଟ୍ ମାମଲା

ଅନୁଗୋଳ ଅଫିସ୍, ୧୩।୩



ଏକ ଡକାୟତି ମାମଲାର ବିଚାର କରି ଅନୁଗୋଳ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କମ୍ ସିଜେଏମ୍ କୋର୍ଟ ଅଭିଯୁକ୍ତ ଜରାସିଂହାର କାଳିଆ ଓରଫ ପ୍ରଦୀପ ବେହେରା(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ସି.ଏଚ. ବାସୁଦେବ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୪ ଅଗଷ୍ଟ ୯ରେ କୁମଣ୍ଡ (ଭଣ୍ଡୁବର) ଗ୍ରାମର ପ୍ରିୟବ୍ରତ ଦେହୁରୀଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଥିଲା। ସନ୍ଧ୍ୟା ୮ଟାରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ପ୍ରିୟବ୍ରତଙ୍କ ବାପା ପ୍ରସନ୍ନ କୁମାର ଦେହୁରୀଙ୍କୁ ମାଡ଼ ମାରିଥିଲେ। ବିରୋଧ କରିବାରୁ ପ୍ରିୟବ୍ରତଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କ ଜେଜେ ମା' ଓ ଜେଜେ ବାପାଙ୍କୁ ଗୋଟିଏ ଘରେ ଭର୍ତ୍ତି କରିବା ସହ ମା ଓ ଭଉଣୀଙ୍କୁ ମାଡ଼ ମାରି ଚେନ୍, କାନ ଫୁଲ, ମୁଦି ଓ ଆଲମାରିରେ ଥିବା ୩୦ ହଜାର ଟଙ୍କା, ୫ଟି ମୋବାଇଲ ଏବଂ ଲାପଟପ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରଦୀପ ବେହେରାଙ୍କ ସହ କେତେଜଣଙ୍କୁ କାବୁ କରିଥିଲା। ଇତିମଧ୍ୟରେ ପ୍ରଦୀପଙ୍କ ଶୁଣାଣି ଶେଷ ହୋଇଥିବାବେଳେ ଅନ୍ୟମାନଙ୍କ ବିଚାର ପ୍ରକ୍ରିୟା ଜାରି ରହିଛି ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ଏପିପି ଧ୍ରୁବ ଚରଣ ସାହୁ ମାମଲା ପରିଚାଳନା କରିଥିଲେ।

# ଏସ୍‌ଏନ୍‌ସିୟୁରେ ଶ୍ମଶାନରୁ ଉଦ୍ଧାର ନବଜାତ ଶିଶୁକନ୍ୟା

ଅନୁଗୋଳ ଅଫିସ୍, ୧୩।୩

ନାଲ୍‌କୋ ଥାନା ବଳରାମପ୍ରସାଦ ନିକଟ ଶ୍ମଶାନରୁ ଗୁରୁବାର ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛି। ଏସ୍‌ଏନ୍‌ସିୟୁରେ ଥିବା ଶିଶୁଟିର ଅବସ୍ଥା ସ୍ଥିର ରହିଛି ବୋଲି ଡାକ୍ତର ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବଳରାମପ୍ରସାଦ ବସଲାସାହି ନିକଟରେ ଥିବା ଶ୍ମଶାନରୁ ସ୍ଥାନୀୟ ଲୋକେ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଖବରପାଇ ଶିଶୁ ସୁରକ୍ଷା ଅଧିକାରୀ ନାଲ୍‌କୋ ଥାନା ଓ ବଳରାମପ୍ରସାଦରେ ଥିବା ସିସିଆଇକୁ ତୁରନ୍ତ ଅବଗତ କରିଥିଲେ। ଏହାପରେ ପୋଲିସ ଶିଶୁଟିକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। କିନ୍ତୁ କାଜୁଆଲଟିରେ ଥିବା ଡାକ୍ତରଙ୍କୁ ଦେଖାଇବା ପରେ ଶିଶୁଟିକୁ ପୁଣି ସମ୍ପୃକ୍ତ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲା। ପରେ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ସଂଯୋଜକ ସୁଦର୍ଶନ ପରିଡ଼ା, ଶିଶୁ ସୁରକ୍ଷା ୟୁନିଟ୍‌ର ଏନ୍‌ଆଇସି ଝରଣା ନାୟକ, ଛଇଳ ମଲ୍ଲିକ ଓ ନାଲ୍‌କୋ ପୋଲିସ ଶିଶୁଟିକୁ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟକୁ ଆଣିଥିଲେ। ହେଲେ ନାଲ୍‌କୋ ପୋଲିସ ସିଡବ୍ଲ୍ୟୁସିକୁ ଶିଶୁକୁ ହସ୍ତାନ୍ତର ନ କରି ରାସ୍ତାରୁ ଚାଲିଯାଇଥିଲା। ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ସିସିଆଇର କର୍ମକର୍ତ୍ତାମାନେ ଶିଶୁକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁକନ୍ୟାର ଓଜନ ମାତ୍ର ଦେଢ଼ କିଲୋଗ୍ରାମ ଥିବାବେଳେ ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ତେବେ ଶିଶୁକୁ ପୋଲିସ ପ୍ରଥମେ ଡାକ୍ତରଖାନା ଆଣିଥିବାବେଳେ ଡାକ୍ତର କାହିଁକି ଚିକିତ୍ସା ଆରମ୍ଭ କଲେ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପୋଲିସ ଓ ଶିଶୁମଙ୍ଗଳ କମିଟି ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ସିଡବ୍ଲ୍ୟୁସିର ଅଧ୍ୟକ୍ଷ ସଞ୍ଜୀବ କୁମାର କର କିଛି କହିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜଣେ ଏଏସ୍‌ଆଇ ଶିଶୁକୁ ଧରି ସିଡବ୍ଲ୍ୟୁସିକୁ ଆସିଥିଲେ। ସେ ସିଡବ୍ଲ୍ୟୁସିର ନିୟମ ଜାଣି ନ ଥିବାରୁ ଶିଶୁକୁ ଛାଡ଼ି ଚାଲିଯାଇଥିଲେ। ଏହାପରେ ନାଲ୍‌କୋ ପୋଲିସ ଆସି ତାର କାର୍ଯ୍ୟ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଥାନା ଅଧିକାରୀ ସରୋଜିନୀ ସାମ୍ଭଡ଼ା କହିଛନ୍ତି, ଶିଶୁକୁ ଉଦ୍ଧାର କରିବା ପରେ ଯାହା କରିବାର ଥିଲା ପୋଲିସ ତାହା କରିଛି।

## ଚୋରା କାଠ ଚାଲାଣ, ୩ ଗିରଫ

ପାଲଲହଡ଼ା, ୧୩।୩(ଡି.ଏନ.ଏ.)

ଚୋରା କାଠ ଚାଲାଣ ଅଭିଯୋଗରେ ଦେବଗଡ଼ ବନଖଣ୍ଡ ପାଲଲହଡ଼ା ବନ ବିଭାଗ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁବାର ସନ୍ଧ୍ୟାରେ ବଡଝାର ଗ୍ରାମର ହିମାଂଶୁ ମହାନ୍ତି ଓ ରାମ ଲାଗୁରି ଏକ ନମ୍ବର ବିହୀନ ବାଇକ୍‌ରେ ୭ ଖଣ୍ଡ ପିଆଶାଳ କାଠ ନେଇ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାତରେ ଧରା ପଡିଥିଲେ। ଘଟଣାରେ ବାଇକ୍‌କୁ ଜବତ କରାଯାଇଛି। ସେହିପରି ଉଦୟପୁର ସାହିର ବିନୋଦ ମହାରଣା ନାମକ ଜଣେ କାଠ ମିସ୍ତ୍ରିଙ୍କ ଘରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୫ ଖଣ୍ଡ କାଠ ପଟା ଓ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ନଂ ୧୦୭/୨୦ ଏବଂ ୧୦୮/୨୦ ରେ ଦୁଇଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପାଲଲହଡ଼ା ଜେଲକୁ ପଠାଇ ଦିଆଯାଇଛି। ପାଲଲହଡ଼ା ବନାଞ୍ଚଳ ଅଧିକାରୀ ଦୁର୍ଯ୍ୟୋଧନ ଜେରାଇ, ଫରେଷ୍ଟର ଭୀମସେନ ଶତପଥୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।



# କରୋନା ନେଇ ସଚେତନ ହେଲେ କର୍ମଚାରୀ




ଏନ୍‌ଟିପିସିରେ ଭାବ ବିନିମୟ କାର୍ଯ୍ୟକ୍ରମ।

ତାଳଚେର, ୧୩।୩(ନି.ପ୍ର.)

ଏନ୍‌ଟିପିସି କଣିହାଁର ଚିଫ୍ ଜେନେରାଲ ମ୍ୟାନେଜର ଏବଂ ପ୍ରକଳ୍ପର ମହିଳା କର୍ମଚାରୀଙ୍କ ମଧ୍ୟରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଜିଏମ୍ ସୁଦୀପ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଏମ୍(ଓ ଆଣ୍ଡ ଏମ୍) ଏନ୍.ଏସ. ରାଓଙ୍କ ସମେତ ଅନ୍ୟ ଜିଏମ୍ ଏବଂ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ମହିଳା କର୍ମଚାରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ପାଥଲୋଜି ବିଭାଗର ବରିଷ୍ଠ ବିଶେଷଜ୍ଞ ଅପରାଜିତା ମିଶ୍ର ଉପସ୍ଥିତ ମହିଳା କର୍ମଚାରୀଙ୍କୁ କରୋନା ଭାଇରସ ସମ୍ପର୍କରେ ସଚେତନ କରାଇଥିଲେ। ପରେ ସମ୍ମିଳନୀ କକ୍ଷଠାରେ ଏକ କେକ୍ କଟା ଯାଇଥିଲା। ମୁଖ୍ୟଅତିଥି ନାଗ ପ୍ରକୃତିରୁ ପ୍ରାପ୍ତ ବିବିଧତା ଏବଂ ବଳିଷ୍ଠତା ନାରୀମାନଙ୍କ ବିଚାରଧାରାରେ ପ୍ରତିଫଳନ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୁଇଜ୍ ଏବଂ ଖେଳର ଆୟୋଜନ କରାଯାଇଥିଲା।

# ଟିକରପଡ଼ାରେ ଯକ୍ଷ୍ମା ପରୀକ୍ଷଣ ଯାନ

ବନ୍ତଲା, ୧୩।୩(ଡି.ଏନ୍.ଏ.)

ଇଣ୍ଡିଆନ କାଉନ୍ସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍), କେନ୍ଦ୍ରୀୟ ଯକ୍ଷ୍ମା ଡିଭିଜନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦକ୍ଷିଣ ପୂର୍ବ ଏସିଆ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କ ବାସ୍ତବ ସଂଖ୍ୟା ଜାଣିବା ପାଇଁ ଏକ ଭ୍ରାମ୍ୟମାଣ ପରୀକ୍ଷଣ ଯାନ ଶୁକ୍ରବାର ଟିକରପଡା ଗ୍ରାମରେ ପହଞ୍ଚି ନମୁନା ପରୀକ୍ଷା ଆରମ୍ଭ କରିଛି। ଡା. ଶ୍ରୀଜାଙ୍କ ନେତୃତ୍ୱରେ ଏକ ୨୨ ଜଣିଆ ଟିମ୍ ୮ ଦିନ ଧରି ୮ ଶହ ଲୋକଙ୍କୁ ନେଇ ଯକ୍ଷ୍ମା ଚିହ୍ନଟ କରିବେ। ପ୍ରାଥମିକ ସ୍କୁଲ ପରିସରରେ ଏହି ଶିବିର କରାଯାଇଛି। ୧୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଟି ଲୋକଙ୍କୁ ସର୍ବେକ୍ଷଣରେ ସାମିଲ କରାଯାଇଛି। ତତ୍‌କ୍ଷଣାତ କଫ ପରୀକ୍ଷଣ, ରୋଗୀ ପରାମର୍ଶ ପାଇଁ ତାଲିମପ୍ରାପ୍ତ ବୈଷୟିକ ଟିମ୍ ସାମିଲ ଅଛନ୍ତି। ଆର୍‌ଏମ୍‌ଆର୍‌ସିର ଏକ ଟିମ୍ ସହ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସାମିଲ ହୋଇ ଟିକରପଡା ଅଞ୍ଚଳରେ ଏହି ରୋଗ ଚିହ୍ନଟ କରାଯାଉଛି ବୋଲି ସୂଚନା ମିଳିଛି।

# ବିଭାଗୀୟ ତଦନ୍ତ ଆରମ୍ଭ

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ନିମ୍ନମାନର ଅଭିଯୋଗ ଘଟଣା

ବଇଣ୍ଡା, ୧୩।୩(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପିତାବଳୀବାହାଲ ଛକ(କନ୍ତପଡ଼ା)ଠାରୁ ବିପ୍ରଡିହ ପର୍ଯ୍ୟନ୍ତ ଦୀର୍ଘ ୧୨ କିମି ମାଟି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପକ୍କା ରାସ୍ତା ନିର୍ମାଣ କରାଯାଉଛି। ହେଲେ ଉକ୍ତ ରାସ୍ତା ଠିକାଦାର-ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଅତି ନିମ୍ନମାନର ହେଉଥିବା ନେଇ ବୁଧବାର ଗୋପୀନାଥପୁର, ବିପ୍ରଡିହ, ପିତାବଳୀବାହାଲ, କେଞ୍ଝିଆନାଳୀ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଭିଯୋଗ କରିଥିଲେ। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ବସ୍ତିଆଙ୍କ ସହ ଏକ ଟିମ ଉକ୍ତ ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। କନ୍ତପଡ଼ା ସମିତିସଭ୍ୟ ଯଦୁମଣି ସାହୁ, ଅଜିତ କୁମାର ପ୍ରଧାନ, ଅଶ୍ୱିନୀ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ନବକୃଷ୍ଣ ସାହୁ, ବାବାଜୀ ବେହେରା, ସୁମତି ଗଡ଼ନାୟକ, ମଞ୍ଜରୀ ପ୍ରଧାନ, ବୃଷଭ ବେହେରାଙ୍କ ଉପସ୍ଥିତରେ ବିଭାଗୀୟ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଥିଲେ। ନିର୍ମାଣ ହୋଇଥିବା ମେଣ୍ଟାଲିଂ ରାସ୍ତାକୁ ଖୋଳାଯାଇ ଭାଗ ମାପ ସମ୍ପର୍କରେ ତଦନ୍ତ କରାଯିବାସହ ଧୋଇ ହୋଇଯାଇଥିବା ରାସ୍ତାର ପୁନଃନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗ୍ରାମବାସୀମାନେ ନିର୍ମାଣ ହୋଇଥିବା ପୋଲ ଗୁଡ଼ିକ ମଧ ନିମ୍ନମାନର କରାଯାଇଥିବା ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଏ ନେଇ ମଧ ତଦନ୍ତ କରାଯିବ ବୋଲି ଅଧିକାରୀମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଏହି ରାସ୍ତା ହୋଇଥିବା ଯୋଗୁ ଅତି କଦର୍ଯ୍ୟ ସହ ନିମ୍ନମାନର କରାଯାଇ ଅର୍ଥକୁ ବାଟମାରଣା କରିବା ପାଇଁ ଯୋଜନା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବିଭାଗୀୟ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ମହିଳାଙ୍କୁ ଅସଦ୍‌ବ୍ୟବହାର ଅଭିଯୋଗ

ଅନୁଗୋଳ ଅଫିସ୍, ୧୩।୩

ଅନୁଗୋଳ ଖଲାରିର ଖମାର ସାହି ତ୍ରିଦୋଳ ଉତ୍ସବ ଅବସରରେ ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଆୟୋଜକ ଓ ନାଏକ ସାହିର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି। ଅଭିଯୋଗରୁ ଜଣାଯାଏ, ଉତ୍ସବରେ ଡ୍ରାମା ଚାଲିଥିବାବେଳେ ସେହି ଅଞ୍ଚଳର କେତେଜଣ ମହିଳା ଓ ଝିଅଙ୍କୁ କିଛି ଯୁବକ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦ୍‌ବ୍ୟବହାର କରିଥିଲେ। ଏହାକୁ ନେଇ ଆୟୋଜକ ଗୋଷ୍ଠୀ ଓ ନାଏକ ସାହି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସମ୍ପୃକ୍ତ ଯୁବକଙ୍କୁ ଆୟୋଜକମାନେ ମାଡ଼ ମାରିଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

# ସେମିରେ ଛତିଶଗଡ଼, ପ୍ରଗତି ସ୍ପୋର୍ଟିଂ

## ଅନୁଗୋଳ କ୍ରିକେଟ୍ କପ୍

ଅନୁଗୋଳ ଅଫିସ୍, ୧୩।୩

ଅନୁଗୋଳ କଦମ ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ଅନୁଗୋଳ କ୍ରିକେଟ କପ୍‌ର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚରେ ଛତିଶଗଡ଼ ଫରେଷ୍ଟ ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ମ୍ୟାଚ ଛତିଶଗଡ଼ ଫରେଷ୍ଟ ଓ ପଶ୍ଚିମବଙ୍ଗର ଆସାନସୋଲ ମଧ୍ୟରେ ଖେଳାଯାଇଥିଲା। ଛତିଶଗଡ଼ ଫରେଷ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟରେ ୧୩୭ ରନ କରିଥିଲା। ଜବାବରେ ପଶ୍ଚିମବଙ୍ଗ ୧୨୬ ରନ କରି ପରାଜିତ ହୋଇଥିଲା। ଛତିଶଗଡ଼ର ବାଦଲ ଭୋଳ ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମାଚ ଅନୁଗୋଳ କ୍ରିକେଟ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟରେ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଗତି ସ୍ପୋର୍ଟିଂର ଅଭିନବ ଘୋଷ ୪୮ ରନ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ମ୍ୟାନ୍ ଅଫ ଦି ମାଚ ପୁରସ୍କାର ପାଇଥିଲେ। ପ୍ରଥମ ମାଚକୁ ଓଡ଼ିଶା କ୍ରିକେଟ ଆସୋସିଏଶନର ଶରତ ସାହୁ, ଜୟକୃଷ୍ଣ ରାଉତ ପରିଚାଳନା କରିଥିବାବେଳେ ଦ୍ୱିତୀୟ ମ୍ୟାଚକୁ ମହେଶ ମୁନସି ଓ ତାପସ ମହାନ୍ତି ପରିଚାଳନା କରିଥିଲେ। ଦୁଇଟି ମ୍ୟାଚରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ନାଲ୍‌କୋ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍‌ସା ପ୍ରସାଦ ମିଶ୍ର, ଜେନେରାଲ ମ୍ୟାନେଜର ସତ୍ୟାନନ୍ଦ ସାହୁ, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ପତଞ୍ଜଳି ଯୋଗଗୁରୁ ଅଭୟ ରାୟ, ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମ୍ୟାଚର ଏକ ଦୃଶ୍ୟ।

